# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15th July - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କର ବାହୁଡ଼ା ଯାତ୍ରା ।

- ଭୁବନେଶ୍ୱରରେ ଜନଅଭିଯୋଗର ଶୁଣାଣି କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ; ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଅଧିକାରୀମାନଙ୍କୁ ଦେଲେ ନିର୍ଦ୍ଦେଶ ।

- ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ ବିକଶିତ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ; ପ୍ରବଳ ବର୍ଷା ହେବା ନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ।

# ବାହୁଡ଼ା ଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଭକ୍ତି ଓ ଶ୍ରଦ୍ଧାର ସହ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି । ନବଦିନାତ୍ମକ ଯାତ୍ରା ଶେଷ କରି ମହାପ୍ରଭୁ ଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରକୁ ବାହୁଡୁଛନ୍ତି । ଆଜି ସକାଳୁ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବା ପରେ ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା । ଅପରାହ୍ଣ ୨ଟା ସୁଦ୍ଧା ପହଣ୍ଡି ଶେଷ ହେବା ପରେ ଗଜପତି ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ । ପରେ ଚାରମାଳ ଫିଟା ଓ ଘୋଡ଼ା ଯୋଚାଯାଇ ରଥଟଣା ଆରମ୍ଭ ହୋଇଥିଲା । ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ରଥ ଟାଣିଥିଲେ । ଆସନ୍ତା ବୁଧବାର ଦିନ ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ସହ ସୁନାବେଶ ଅନୁଷ୍ଠିତ ହେବ ।

ବାହୁଡା ଯାତ୍ରା ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସୁରକ୍ଷା, ବଡ଼ଦାଣ୍ଡରେ ଗହଳି ନିୟନ୍ତ୍ରଣ, ରଥ ଗୁଡ଼ିକର ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ୧୮୦ ପ୍ଲାଟୁନ ପୁଲିସ ଫୋର୍ସ ସହ ୨ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରୀରେ ରହି ରଥଯାତ୍ରାର ସୁପରିଚାଳନା ନିମନ୍ତେ ତଦାରଖ କରୁଛନ୍ତି।

*Sambalpur, Kendrapara, Boudh, Nuapada, Nayagarh/R*

# ରାଜ୍ୟ - ବାହୁଡ଼ାଯାତ୍ରା

ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀଜିଉମାନଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ବାହୁଡ଼ା ଯାତ୍ରାପାଇଁ ବ୍ରହ୍ମ ତାଳଧ୍ୱଜ ରଥର ମୁଖ ପରିବର୍ତ୍ତନ କରାଯାଇଛି । ମଙ୍ଗଳାର୍ପଣ ଏବଂ ପହଣ୍ଡି ବିଜେ କାର୍ଯ୍ୟ ପରେ ରାତି ୯ଟା ସୁଦ୍ଧା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରେ ବିଜେ କରାଯିବ । ପରମ୍ପରା ଅନୁଯାୟୀ ଆସନ୍ତାକାଲି କେନ୍ଦ୍ରାପଡ଼ାରେ ରଥଟଣା ହେବ ।

ସମ୍ବଲପୁର ସହରର ଝାଡୁଆପଡ଼ା, ନନ୍ଦପଡ଼ା ସମେତ ବୁର୍ଲା ଓ ରେଢ଼ାଖୋଲ ଅଞ୍ଚଳରେ ରଥଟଣା ହୋଇଥିଲା ।

ବୌଦ୍ଧରେ ତିନି ଠାକୁରଙ୍କ ସ୍ୱତନ୍ତ୍ର ବେଶ କରାଯିବା ପରେ ଗୋଟି ପହଣ୍ଡି କରାଯାଇଛି । ତିନିଠାକୁର ରଥାରୂଢ଼ ହେବା ପରେ ରଥଟଣା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ନୂଆପଡ଼ାର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ଖଡ଼ିଆଳଠାରେ କଡ଼ା ସୁରକ୍ଷା ମଧ୍ୟରେ ତିନି ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିବାବେଳେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ ।

ନୟାଗଡ଼ ସହର ସମେତ ଜିଲ୍ଲାର ୨୭ଟି ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ଜିଲ୍ଲାର ସଦର ମହକୁମାରେ ୩ଟି ରଥରେ ନୟାଗଡ଼ ରାଜା ରାମେଶ୍ୱର ପ୍ରସାଦ ସିଂହ ଛେରାପହଁରା କରିଥିଲେ ।

*Desk*

# ଦରଦାମ ନିୟନ୍ତ୍ରଣ

ରାଜ୍ୟରେ ଦରଦାମ ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ପରିବା ମଣ୍ଡି ଖୋଲିବା ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, କଟକ, ଭୁବନେଶ୍ୱର ସମେତ ସବୁ ଜିଲ୍ଲାରେ ପରିବା ମଣ୍ଡି ଖୋଲାଯିବ। କୃଷକମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପରିବା ମଣ୍ଡିରେ ବିକ୍ରୟ କରିବେ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଦରଦାମ ନିୟନ୍ତ୍ରଣ ରୋକିବାକୁ ହେଲେ ମଧ୍ୟସ୍ଥିମାନଙ୍କ ପ୍ରଭାବ ହ୍ରାସ କରିବା ଲାଗି ପଡ଼ିବ। ସେ କହିଛନ୍ତି, ଖୁବ୍‌ଶୀଘ୍ର କୃଷି, ସମବାୟ ଏବଂ ଖାଉଟି ବିଭାଗର ଏକ ମିଳିତ ବୈଠକ କରାଯାଇ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆଗାମୀ ଦିନରେ ରାଜ୍ୟରେ ଆଳୁ ଓ ପିଆଜର ଉତ୍ପାଦନ ୧୩୭ରୁ ୨୦୦ ଲକ୍ଷ ଟନ୍‌କୁ ବୃଦ୍ଧି କରିହେବ ସେ ନେଇ ଖୁବ୍‌ଶୀଘ୍ର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରାଯିବ।

*Desk*

# ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାପାଇଁ ସମ୍ବଲପୁରର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପତ୍ରରେ ଲେଖିଛନ୍ତି, ମହାନାଦୀ ପାର୍ଶ୍ୱରେ ଥିବା ଅଯୋଧ୍ୟା ସାଗର ବନ୍ଧକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସାହାଯ୍ୟରେ ପୁନରୁଦ୍ଧାର କରାଯାଇ ରିଭରଫ୍ରେଣ୍ଟ ଥିବା ୭ କିଲୋମିଟର ଲମ୍ବା ଜଳାଶୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହି ପୁରୁଣା ବନ୍ଧର ନବୀକରଣଦ୍ୱାରା ଜଳଭଣ୍ଡାରର କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ । ଏହାବ୍ୟତୀତ ସ୍ୱଲପୁର ସହରରେ ଡ୍ରେନେଜ୍ ସମସ୍ୟାକୁ ହ୍ରାସ କରିବାପାଇଁ ପ୍ରସ୍ତାବିତ ପୋଖରୀକୁ ସଂଯୋଗ କରୁଥିବା ସମସ୍ତ ନାଳରେ ସ୍ଲୁଇସ୍‌ର ଆବଶ୍ୟକ ବ୍ୟବସ୍ଥା କରାଯାଇପାରେ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି ।

*Ganjam, Rayagada, Nayagarh, Sambalpur/R*

## ଜନଶୁଣାଣି

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡସ୍ତରୀୟ ଜନଶୁଣାଣି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୩ଟି ବ୍ୟକ୍ତିଗତ ଅଭିଯୋଗ ଓ ୫ଟି ସାମୂହିକ ଅଭିଯୋଗ ମଧ୍ୟରୁ ୮ଟି ଅଭିଯୋଗର ସମାଧାନ କରାଯାଇଛି ।  ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ହ୍ୱିଲ୍ ଚେୟାର ପ୍ରଦାନ କରିବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ୫ ଜଣଙ୍କୁ ୨୪ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି ।

ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଉପଜିଲ୍ଲାପାଳ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବରରେ ଅଣଚାଳିଶିଟି

ଅଭିଯୋଗର ଶୁଣାଣି ହୋଇଛି । ଅଭିଯୋଗଗୁଡ଼ିକର ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଶିବିରରେ ୯୭ଟି ଅଭିଯୋଗ ମଧ୍ୟରୁ ୮ଟିର ତ୍ୱରିତ ଶୁଣାଣି କରାଯାଇଥିଲା । ଅବଶିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ସମ୍ବଲପୁର ଯମନକିରା ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିରରେ ୮୦ଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୬୧ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ।

***Rayagada/R***

# ଯୁବ ଦକ୍ଷତା ଦିବସ

ଯୁବ ଶକ୍ତିର ଦକ୍ଷତାକୁ ଚିହ୍ନିବା ଏବଂ ସଠିକ୍ ଭାବରେ ଉପଯୋଗ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଯୁବ ଦକ୍ଷତା ଦିବସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଶକ୍ତିର ବିକାଶରେ ହିଁ ଦେଶ ତଥା ରାଜ୍ୟର ବିକାଶ ସମ୍ଭବ ହୋଇଥାଏ। ନୂଆପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଆତ୍ମନିର୍ଭର କରିବା ଆମର କର୍ତ୍ତବ୍ୟ। ଭବିଷ୍ୟତକୁ ଆଖିରେ ରଖି ସେମାନଙ୍କ ପାଇଁ ଏକ ଉପଯୁକ୍ତ ଏବଂ ଅତ୍ୟାଧୁନିକ ଶୈକ୍ଷିକ

ପରିବେଶ ଯୋଗାଇ ଦିଆଯିବ, ଯାହାଦ୍ୱାରା ସେମାନେ ଦେଶ ତଥା ସମଗ୍ର ବିଶ୍ୱରେ ପରିବର୍ତ୍ତନ ଆଣିବାରେ ଦୃଢ ନେତୃତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଯୁବ ଶକ୍ତିଙ୍କ ଦକ୍ଷତା ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ଆଗାମୀ ଦିନରେ ରାଜ୍ୟରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶପାଇଁ ଉପଯୁକ୍ତ ଏବଂ ଅତ୍ୟାଧୁନିକ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଇ ସେମାନଙ୍କୁ ଆତ୍ମନିର୍ଭର କରାଯିବ ବୋଲି ସେ କହିଛନ୍ତି ।

ଏହି ଅବସରରେ ରାୟଗଡ଼ାଠାରେ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଏହି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭାସ୍କର ରଇତ ମୁଖ୍ୟ ଅତିଥି ଓ ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କଦ୍ୱାରା ବର୍ଜ୍ୟବସ୍ତୁରୁ ନିର୍ମିତ ୨୦ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ ।

***Desk***

# ପ୍ଲାଷ୍ଟିକ୍ ସର୍ଜରୀ ଦିବସ

ପ୍ଲାଷ୍ଟିକ ସର୍ଜରୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ନିମନ୍ତେ ଆଜି ପାଳିତ ହେଉଛି ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସ। ଏକ ସପ୍ତାହ ଧରି

ଚାଲିଥିବା ସଚେତନତା ସପ୍ତାହର ଶେଷ ଦିନରେ ଆଜି ବିଭିନ୍ନ ହସ୍‌ପିଟାଲ ଏବଂ ପ୍ରତିଷ୍ଠାନ ପକ୍ଷରୁ ସଚେତନତା ସଭାମାନ ଆୟୋଜିତ ହେଉଛି। ପ୍ଲାଷ୍ଟିକ ସର୍ଜରୀ ବିଶ୍ୱରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ଦୁର୍ଘଟଣା, ବିଭିନ୍ନ ରୋଗ ଏବଂ ଅପରେସନ୍ ଯୋଗୁଁ ସୃଷ୍ଟି ହେଉଥିବା କ୍ଷତ ଓ ବିକୃତି ତଥା ଜନ୍ମରୁ ମଣିଷ ଦେହରେ ଥିବା ଗ୍ରହଣ ଖଣ୍ଡିଆ ଭଳି ରୋଗକୁ ଏବେ ଅତି ସହଜରେ ଏବଂ କମ୍ ଖର୍ଚ୍ଚରେ ଠିକ କରାଯାଇପାରୁଛି। ବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ କୁନି ପିଲାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଶାରୀରିକ ଅସଂଗତିକୁ ଦୂର କରାଯାଇପାରୁଛି। ଭୁବନେଶ୍ୱର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସରେ ପ୍ଲାଷ୍ଟିକ ସର୍ଜରୀ ନିମନ୍ତେ ଏକ ସ୍ୱତନ୍ତ୍ର ଓ୍ୱାର୍ଡ ଖୋଲାଯାଇ ଲୋକମାନଙ୍କୁ ଦେୟମୁକ୍ତ ସେବା ଯୋଗାଇ ଦିଆଯାଉଛି।

*Nabaragpur/R*

## ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ

ନବରଙ୍ଗପୁର ଜିଲ୍ଲା ପାପୁଡ଼ାହାଣ୍ଡିସ୍ଥିତ ଟୁରି ନଦୀର ଅସ୍ଥାୟୀ ପୋଲ ଉପରେ ଦୁଇ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଉମରକୋଟ-ନବରଙ୍ଗପୁର ମଧ୍ୟରେ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି। ଘଟଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ପାପୁଡ଼ାହାଣ୍ଡି ବିଡିଓ ଓ ତହସିଲଦାର ଉପସ୍ଥିତ ଅଛନ୍ତି।

# ପାଣିପାଗ

ଉତ୍ତର-ପଶ୍ଚିମ ଓ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ବାୟୁମଣ୍ଡଳର ୭ ଦଶମିକ ୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଓ ବଲାଙ୍ଗିର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*****